# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**29 August – 2025**

**News Editor : Tapan Kumar Moharana**

**********************************

## ମୁଖ୍ୟ ସମ୍ବାଦ

- ଦେଶକୁ ଆଗେଇ ନେବାକୁ ହେଲେ ସବୁ ବର୍ଗର ଲୋକଙ୍କୁ ଏକାଠି ନେଇ ଚାଲିବାର ଆବଶ୍ୟକତା ରହିଛି, କହିଲେ ଲୋକସଭା ବାଚସ୍ପତି ଓମ୍ ବିର୍ଲା

— ଭୁବନେଶ୍ୱର ଲୋକସେବା ଭବନରେ ଦୁଇଦିନିଆ ସଂସଦ ଓ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସମ୍ମିଳନୀ ଉଦ୍‌ଘାଟିତ

- ମନ୍ କୀ ବାତ୍‌ର ୧୨୫ତମ ସଂସ୍କରଣରେ ଆସନ୍ତା ରବିବାର ଦିନ ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ

- କିମ୍ବଦନ୍ତୀ ହକି ଖେଳାଳୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀକୁ ସ୍ମରଣ କରି ଆଜି ପାଳନ କରାଯାଉଛି ଜାତୀୟ କ୍ରୀଡା ଦିବସ

ଏବଂ

- ରାଜ୍ୟରେ ଆଜିଠାରୁ ବର୍ଷାର ପରିମାଣ ହ୍ରାସ ପାଇବ; ଆସନ୍ତା ସୋମବାର ଦିନ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ନେଇ ପାଣିପାଗ ବିଭାଗର ସୂଚନା

## ଏସ୍‌ସି-ଏସ୍‌ଟି ସମ୍ମିଳନୀ

ଦେଶରେ ସମାବେଶୀ ବ୍ୟବସ୍ଥା ପ୍ରତିଷ୍ଠା କରିବା ପାଇଁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଆହ୍ୱାନ ଦେଇଛନ୍ତି। ସଂସଦ ଏବଂ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଜାତୀୟ ସମ୍ମିଳନୀକୁ ଲୋକସଭା ବାଚସ୍ପତି ଶ୍ରୀ ବିର୍ଲା ଭୁବନେଶ୍ୱର ଲୋକସେବା ଭବନରେ ଉଦ୍‌ଘାଟନ କରି କହିଛନ୍ତି, ବାବାସାହେବ ଆମ୍ବେଦକର ବିଶ୍ୱକୁ ସାମାଜିକ ନ୍ୟାୟର ଆଧାରରେ ଏକ ସମତାମୂଳକ ସମାଜର ଗଠନ କରିବା ପାଇଁ ବିଚାର ଦେଇଥିଲେ। ଏହି ବିଚାରକୁ ଆଧାର କରି ଭାରତର ସମ୍ବିଧାନ ଅନୁସୂଚିତ ଜାତି ଓ ଜନଜାତିଙ୍କ କଲ୍ୟାଣ ପାଇଁ ଏକ ସାମ୍ବିଧାନିକ ଦାୟିତ୍ୱ ପ୍ରଦାନ କରିଛି। ଲୋକତନ୍ତ୍ରରେ ସମାଜର ବଂଚିତ, ଗରିବ, ଆଦିବାସୀ ଲୋକଙ୍କର କଲ୍ୟାଣ ଏବଂ ସେମାନଙ୍କୁ ସାମାଜିକ, ଆର୍ଥିକ ଏବଂ ପ୍ରଶାସନିକ ଶକ୍ତି ଦେଇପାରିବ ବୋଲି ଶ୍ରୀ ବିର୍ଲା ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶ୍ରୀ ବିର୍ଲା କହିଛନ୍ତି, ଦେଶକୁ ଆଗେଇ ନେବାକୁ ହେଲେ ସବୁ ବର୍ଗର ଲୋକଙ୍କୁ ଏକାଠି ନେଇ ଚାଲିବାର

ଆବଶ୍ୟକତା ରହିଛି ଏବଂ ସମସ୍ତଙ୍କୁ ସମାନ ନ୍ୟାୟ ଓ ଅଧିକାର ପ୍ରଦାନ କରିବା ଜରୁରୀ ।

ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ବଜେଟ ଆବଣ୍ଟନର ସମୀକ୍ଷା ଉପରେ ବାଚସ୍ପତି ଗୁରୁତ୍ୱାରୋପ କରିଛନ୍ତି । ଏଥିସହ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକମାନଙ୍କର ରୋଜଗାର ଆର୍ଥିକ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନରେ ମଧ୍ୟ ଆବଶ୍ୟକତା ରହିଛି ବୋଲି ଶ୍ରୀ ବିର୍ଲା କହିଛନ୍ତି । ଆବଶ୍ୟକତା ଅନୁସାରେ, ସେମାନଙ୍କୁ ଅଧିକାର ପ୍ରଦାନ କରିବାକୁ ପଡିବ ।

**- V/O - (ଓମ୍ ବିର୍ଲା)**

ସମ୍ମିଳନୀରେ **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଇ କହିଛନ୍ତି, ରାଜ୍ୟରେ ସମସ୍ତ ଜନଜାତୀୟ ଭାଷାରେ ଶିକ୍ଷାଦାନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି । ରାଜ୍ୟ ସରକାର ଅନୁସୂଚିତ ଜାତି ଓ ଜନଜାତି ବିଭାଗ ବଜେଟ୍ ୬୮ ହଜାର ୮୮୧ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି । ୧୪ଟି ଜିଲ୍ଲାର ୩ ଲକ୍ଷ ଅତି ଦୁର୍ବଳ ଜନଜାତି ସମୂହଙ୍କୁ ପିଏମ୍ ଜନମନ ଯୋଜନାରେ ସାମିଲ କରାଯାଇଛି । ଏଥିସହ ସେମାନଙ୍କ ପାଇଁ ସରକାର ୧୫ଟି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି । ଏହି ବିଦ୍ୟାଳୟରେ ୫ ଲକ୍ଷ ବିଦ୍ୟାର୍ଥୀ ଛାତ୍ରାବାସରେ ରହି ପାଠପଢୁଛନ୍ତି । ଆଗାମୀ ଦିନରେ ଆଦିବାସୀଙ୍କ ପାଇଁ ଜଙ୍ଗଲ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# - V/O - (ମୁଖ୍ୟମନ୍ତ୍ରୀ)

ସମ୍ମିଳନୀରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ସଂସଦୀୟ ସମିତିର ଅଧ୍ୟକ୍ଷ ଡକ୍ଟର ଫଗନ ସିଂ କୁଲସ୍ତେଙ୍କ ସମେତ ୧୨୦ରୁ ଅଧିକ ପ୍ରତିନିଧି ଯୋଗଦେଇଛନ୍ତି। ଦୁଇଦିନିଆ ସମ୍ମିଳନୀରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତିର ଅଧ୍ୟକ୍ଷମାନେ ଯୋଗଦେଇଛନ୍ତି। ଆସନ୍ତାକାଲି ଉଦ୍‌ଯାପନୀ ଦିବସରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଯୋଗଦେବେ।

## ଉର୍ଜିତ ପଟେଲ

ପୂର୍ବତନ ଭାରତୀୟ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଉର୍ଜିତ ପଟେଲଙ୍କୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି-ଆଇଏମ୍ଏଫ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଆଜି ନିଯୁକ୍ତ କରାଯାଇଛି। ୩ ବର୍ଷ ପାଇଁ ଶ୍ରୀ ପଟେଲ ଏହି ପଦବୀରେ କାର୍ଯ୍ୟ କରିବେ। ପୂର୍ବରୁ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ ତୁଲାଇସାରିଛନ୍ତି।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୫ତମ ସଂସ୍କରଣ। 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଆକାଶବାଣୀ ଓ

ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁଣିଥରେ ରାତି ୮ଟାରେ ପ୍ରସାରଣ କରାଯିବ।

# ଜାତୀୟ କ୍ରୀଡ଼ା ଦିବସ

କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମ ବାର୍ଷିକୀକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି । ମେଜର ଧ୍ୟାନଚାନ୍ଦଙ୍କ ଅଧିନାୟକତ୍ୱରେ ୩ ଥର ଲଗାତାର ଭାବେ ଭାରତ ୧୯୨୮, ୧୯୩୨ ଏବଂ ୧୯୩୬ ମସିହାରେ ହକିରେ ଅଲିମ୍ପିକ୍ସ ପଦକ ଜିତିଥିଲା ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଏହି ଦିବସ ପାଳନ ଅବସରରେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ଜାତୀୟ କ୍ରୀଡ଼ା ଦିବସ ଅବସରରେ  ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଜୟଦେବ ଭବନଠାରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ଓ

ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯିବ । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି ।

**ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଜାତୀୟ କ୍ରୀଡା ଦିବସରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ୧୪ ଜଣ ଜାତୀୟ ସ୍ତରରେ ମନୋନୀତ କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି ।

**ରାୟଗଡ଼ା** କ୍ରୀଡାବିଭାଗ ପକ୍ଷରୁ ଏହି ଉପଲକ୍ଷେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପଦଯାତ୍ରାରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଜାତୀୟ ସମଶିକ୍ଷାର୍ଥୀବାହିନୀ, ଜନସାଧାରଣ ପ୍ରମୁଖ ଯୋଗଦେଇଥିଲେ ।

**ଢେଙ୍କାନାଳ** ଷ୍ଟାଡିୟମ୍‌ଠାରେ ଜିଲ୍ଲାପାଳ ଆଶିଷ୍ ଈଶ୍ୱର ପାଟିଲ୍ କ୍ରୀଡାବିତ୍‌ମାନଙ୍କୁ ଶପଥପାଠ କରାଇଥିଲେ । ଏହି ଅବସରରେ ବନ୍ଧୁତ୍ୱପୂର୍ଣ୍ଣ ହକି ଓ ଫୁଟବଲ୍ ମ୍ୟାଚ୍‌ର ଆୟୋଜନ କରାଯାଇଥିଲା ।

## ପାର୍ବଣ-କାର୍ଯ୍ୟାନୁଷ୍ଠାନ

ପାର୍ବଣ ସମୟରେ ଚାନ୍ଦା ଆଦାୟକାରୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି । ଏ ସମ୍ପର୍କରେ ସମସ୍ତ ଜିଲ୍ଲାର ଏସ୍‌ପି ମାନଙ୍କୁ ନିର୍ଦ୍ଦେଶ

ଦିଆଯାଇଛି। ଏଥିସହ ଅସାମାଜିକ କାର୍ଯ୍ୟକଳାପ ରୋକିବାକୁ ସିସିଟିଭି ଓ ଡ୍ରୋନ୍‌ର ବ୍ୟବହାର କରାଯିବ। ସନ୍ଦିଗ୍ଧଙ୍କ ଉପରେ କଡା ନଜର ରଖାଯିବ ବୋଲି ପୁଲିସ୍ ମହାନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

# ଗୋଟିପୁଅ ନୃତ୍ୟ ମହୋତ୍ସବ

ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଓ ଲୋକକଳା ସଂଘର ମିଳିତ ସହଯୋଗରେ ଆୟୋଜିତ ହେଉଥିବା ଏହି ମହୋତ୍ସବ ଆସନ୍ତା ସୋମବାର ପର୍ଯ୍ୟନ୍ତ ଚାଲିବ । ଭୁବନେଶ୍ୱରସ୍ଥିତ ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ୨୦ଟି ନୃତ୍ୟ ଦଳ ଅଂଶ ଗ୍ରହଣ କରିବେ । ମହୋତ୍ସବ ଅବସରରେ ଗୋଟିପୁଅ ନୃତ୍ୟ, ବିକାଶ, ପରିବେଷଣ ଆଦି ବିଭିନ୍ନ ପ୍ରସଙ୍ଗ ଆଧାରିତ ଆଲୋଚନାଚକ୍ରମାନ ଆୟୋଜିତ ହେବ ।

## ବିମ୍ବାସୁର ବଧ

**ପୁରୀ** ଶ୍ରୀମନ୍ଦିରରେ ଆଜି ଭାଦ୍ରବ ଶୁକ୍ଳ ଷଷ୍ଠୀ ତିଥିରେ ସନ୍ଧ୍ୟା ଧୂପ ପରେ ମହାପ୍ରଭୁଙ୍କ ନିକଟରେ ବିମ୍ବାସୁର ବଧ ପ୍ରସ୍ତାବ ଅନୁଷ୍ଠିତ ହେବ। ମାର୍କଣ୍ଡେଶ୍ୱର ସାହି ବିମ୍ବାସୁର ବଧ ପ୍ରସ୍ତାବ ଦେଇଥାନ୍ତି। ସନ୍ଧ୍ୟାଧୂପ ପରେ ମଦନମୋହନ ରତ୍ନସିଂହାସନକୁ ବିଜେ କରି ଜଗନ୍ନାଥଙ୍କ ବାଡରୁ ଆଜ୍ଞାମାଳ ଆଣି ନାଟମଣ୍ଡପ ସ୍ଥିତ ଖଟ ଉପରକୁ ବିଜେ କରିବା ପରେ ପ୍ରଭୁଙ୍କର ଛାମୁରେ ମାର୍କଣ୍ଡେଶ୍ୱର ସାହି ଲୋକ ବିମ୍ବାସୁର ବଧ ପ୍ରସ୍ତାବ କରିବେ। ପୁରାଣ କଥା ଅନୁସାରେ,

ଶ୍ରୀକୃଷ୍ଣଙ୍କୁ ବଧ କରିବା ପାଇଁ ବିମ୍ବାସୁର ରାକ୍ଷାସକୁ ମହାରାଜ କଂସ ପଠାଇଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ମୁଷ୍ଟି ପ୍ରହାରରେ ବିମ୍ବାସୁରର ବଧ ହୋଇଥିଲା।

## ଭୂମିପୂଜନ

**ରାୟଗଡ଼ା**ର ଅଧିଷ୍ଠାତ୍ରୀ ଦେବୀ ମା’ ମଝିଘରିଆଣୀ ମନ୍ଦିରର ନବକଳେବର ପାଇଁ ଆଜି ଭୂମିପୂଜନ ଅନୁଷ୍ଠିତ ହୋଇଛି।  ୧୮ ମାସ ମଧ୍ୟରେ ମନ୍ଦିରର ରୂପାନ୍ତରୀକରଣ କାର୍ଯ୍ୟ ସମ୍ପନ୍ନ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ମନ୍ଦିରର ନବୀକରଣ କାର୍ଯ୍ୟ ପାଇଁ ୩୬ କୋଟି ଟଙ୍କା ବ୍ୟୟ ମଞ୍ଜୁର ହୋଇଛି।

## ପ୍ରତିଷ୍ଠା ଦିବସ

**କୋରାପୁଟ** ଜିଲ୍ଲା ସୁନାବେଡାସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଜି ତାର ୧୭ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ବିଶ୍ୱବିଦ୍ୟାଳୟର ପତାକା ଉତ୍ତୋଳନ କରି ସମାବେଶକୁ ସମ୍ବୋଧନ କରିବା ସହିତ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।

## ନୂଆଁଖାଇ ବାସୀ

**ନୂଆପଡ଼ା** ଜିଲ୍ଲାର ପୁରପଲ୍ଲୀରେ ଆଜି ନୂଆଁଖାଇ ବାସୀ  ପର୍ବ ପାଳନ କରାଯାଉଛି। ବାସୀ ପର୍ବ ପାଳିବା ପାଇଁ ପରିବାର ସଦସ୍ୟମାନେ ଏକତ୍ରିତ ହୋଇ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପରସ୍ପର ମଧ୍ୟରେ ବଣ୍ଟନ କରୁଛନ୍ତି।

# ପାଣିପାଗ

ରାଜ୍ୟରେ ବର୍ଷାର ପରିମାଣ ଆଜିଠାରୁ ହ୍ରାସ ପାଇବ । ଉତ୍ତର ଏବଂ ଉପକୂଳ ଓଡ଼ିଶାର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

ଅନ୍ୟପକ୍ଷରେ, ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଉତ୍ତର ଓଡ଼ିଶା ଉପକୂଳରେ ଆଉ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ସୋମବାରଠାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହେବା ନେଇ ଅନୁମାନ କରାଯାଇଛି ।

ଚଳିତ ମାସରେ ବଙ୍ଗୋପସାଗରରେ ୩ଟି ଲଘୁଚାପ ସୃଷ୍ଟି ହୋଇଛି । ଲଘୁଚାପ ଯୋଗୁଁ ରାଜ୍ୟରେ ସ୍ୱାଭାବିକ ବର୍ଷାଠାରୁ ୩ ପ୍ରତିଶତ କମ୍ ବର୍ଷା ହୋଇଛି । ବର୍ତ୍ତମାନ ସୁଦ୍ଧା ୮୮୪ ଦଶମିକ ୨ ମିଲିମିଟର ବର୍ଷା ହୋଇଛି । ରାଜ୍ୟର ୮ଟି ଜିଲ୍ଲା ବଲାଙ୍ଗିର, କଳାହାଣ୍ଡି, ରାୟଗଡ଼ା, ଗଜପତି, ଗଂଜାମ, ଖୋର୍ଦ୍ଧା, ପୁରୀ, ଯାଜପୁର ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ପାଣପାଗ ବିଭାଗ ପକ୍ଷରୁ କୁହାଯାଇଛି ।